# Akashvani, Sambalpur

## SAMBALPURI NEWS BULLETIN

### 1 April 2025- 6.47- 6.52 am.

**********************************************

ଉଡ଼ିଶା ଦିବସ-ସମାରୋହ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଓଡ଼ିଶା ଦିବସ୍ । ୧୯୩୬ ମସିହା ଆଜିର୍ ଦିନେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତିକ ରାଜ୍ୟ ହେଇଥିଲା । ଭାଷାଭିତିଥି ରାଜ୍ୟ ଗଠନ୍ ହେବାର୍‌ଥି ଓଡ଼ିଶା- ଭାରତ୍‌ର ପହେଲା ରାଜ୍ୟ ଆଏ । ଉତ୍କଳ ଗୌରବ ମଧୂସୁଦନ୍ ଦାସ, ଫକୀର ମୋହନ୍ ସେନାପତି, ଉତ୍କଳମଣି ଗୋପବନ୍ଧୁ ଦାସଙ୍କର୍‌ନୁ ନେଇକରି ସ୍ୱଭାବକବି ଗଙ୍ଗାଧର୍ ମେହେର, ବାସୁଦେବ ସୁଢ଼ଳ ଦେବ, କର୍ମବୀର ଗୌରୀ ଶଙ୍କର୍ ରାୟଙ୍କର୍ ତକ୍ ହଜାର୍ ହଜାର୍ ମହାନ୍ ବ୍ୟକ୍ତିତ୍ୱଙ୍କର୍ ଓଡ଼ିଆ ଭାଷା, ସାହିତ୍ୟ ସାଙ୍ଗେ ଗୁଟେ ଅଲ୍‌ଗା ରାଜ୍ୟ ଗଠନ୍‌ଥି ବଡ଼ ଭୂମିକା ରହିଥିଲା ।

ଓଡ଼ିଶା ଦିବସ୍ ପାଳନ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟବାସୀଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ରାଷ୍ଟ୍ରପତି ତାଙ୍କର ଶୁଭେଚ୍ଛା ବାର୍ତାଥି କହିଛନ୍, ଇ ଉଛବ୍ ଓଡ଼ିଶାର୍ ଲୁକ୍‌ର ସମୃଦ୍ଧ, ସାଂସ୍କୃତିକ୍, ଐତିହ୍ୟ, ଇତିହାସ ଆରୁ ବିବିଧ ପରମ୍ପରାକେ

ପ୍ରଦର୍ଶନ୍ କର୍‌ବାର୍ ସହେତେ ସାରା ପୁର୍‌ଥିନ ଓଡ଼ିଆ ଲୋକଙ୍କର୍ ଭିତ୍‌ରେ ଏକ୍‌ତା ଆଉ ଗର୍ବର୍ ଭାବ୍‌ନାକେ ତହେଁକାସି ।

ଇ ଅବ୍‌ସରେ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ଆଏଜ୍ ଓଡ଼ିଶା ଅର୍ଥନୈତିକ୍ ଅଭିବୃଦ୍ଧି ଆର୍ ସାମାଜିକ୍ ପ୍ରଗତିଥି ଦେଶେ ଗୁଟେ ବଡ଼ ଉଦାହରଣ ହେଇପାରିଛେ । ମହିଳା ସଶକ୍ତୀକରଣ ଆଉ ଶିକ୍ଷାୟନ୍ ଦିଗେ ଓଡ଼ିଶାର ଯୁଗାନ୍ତକାରୀ ସଫଲ୍‌ତା ଅଲ୍‌ଗା ରାଏଜ୍‌ମାନଙ୍କର୍ ଲାଗି ପ୍ରେରଣା ହେଇଛେ ବଲି ଉପରାଷ୍ଟ୍ରପତି କହିଛନ୍ ।

ଓଡ଼ିଶା ଦିବସ୍ ପାଲନ୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆକାଶବାଣୀ ଜରିଏ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଆର୍ ହାର୍ଦ୍ଦିକ୍ ଅଭିନନ୍ଦନ୍‌ର ବାର୍ତା ଦେଇଛନ୍ । ଆମର କଲା, ସଂସ୍କୃତି, ପରାମ୍ପରା, ଐତିହ୍ୟ, ସ୍ଥାପତ୍ୟକେ ନେଇକରି ଗର୍ବ ଅନୁଭବ୍ କର୍‌ବାର୍ ସହେତେ ବିକଶିତ ଆଉ ନୂଆ ଓଡ଼ିଶା ଗଠନ୍ କର୍‌ବାର୍ ଲାଗି ଆଝିରର୍ ଦିନେ ସଭେ ସଂକଳ୍ପବଦ୍ଧ ହେବାର୍‌କେ ରାଜ୍ୟପାଳ ଆହ୍ୱାନ୍ ଦେଇଛନ୍ ।

ଓଡ଼ିଶା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଆକାଶବାଣୀ ଜରିଏ ଶୁଭେଚ୍ଛା ଜନେଇଛନ୍ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠ୍‌ନଥି  ବଡ଼ ଅବଦାନ ଦେଇଥିବା

ବରପୁତ୍ରମାନଙ୍କର ନୀତି ଆଉ ଆଦର୍ଶକେ  ସବୁ ପିଢ଼ିକେ ଅନୁପ୍ରାଣିତ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ତାଙ୍କର ବାର୍ତାଥି କହିଛନ୍ ।

 ଆଏଜ୍ ସଖାଲ୍‌ବେଲା କଟକ ଜିଲ୍ଲାର ସତ୍ୟଭାମାପୁର ଉତ୍କଳ ଗୌରବ ମଧୁସୂଦନ୍ ଦାସଙ୍କର ଜନମ୍ ପୀଠନ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ସମାରୋହ ହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ମଧୁସୂଦନ୍ ଦାସଙ୍କର ଜନ୍ମପୀଠ ସମନ୍ୱିତ୍ ବିକାଶ ପ୍ରକଳ୍ପର୍ ନିହି ପକାବେ । ଉପରବେଲା ଭୁବନେଶ୍ୱର ଜୟଦେବ ଭବନ୍‌ଠାନେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ କରାଯିବା । କାର୍ଯ୍ୟକ୍ରମଥି ବାଚସ୍ପତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବେ ।

ସେଆଡ଼େ ଦିଲ୍ଲୀ ନ ଭିଲ୍ ଆଏଜ୍ ଭବ୍ୟ ଆକାରେ ଓଡ଼ିଶା ଦିବସ ସମାରୋହ ପାଳନ୍ କରାଯିବା । ଜବାହାରଲାଲ ନେହରୁ ଇନ୍‌ଡୋର୍ ଷ୍ଟାଡିୟମ୍‌ନ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହେତେ ଭିନ୍ ଭିନ୍ କେନ୍ଦ୍ରମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ ।

ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା-        I&PR

ଓଡ଼ିଶା ଦିବସ୍ ପାଳନ୍ ଅବ୍ସରେ ରାଜ୍ୟ ସୂଚନା ଆଉ ଲୋକ ସମ୍ପର୍କ ବିଭାଗ୍ ତର୍ଫୁ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ହେଇଯାଇଛେ । ବିଭାଗର ସମ୍ମିଳନୀ କକ୍ଷନ ହେଇଥିବା ପ୍ରତିଯୋଗିତାଥି ଜିଲ୍ଲାସ୍ତର୍‌ନୁ ବଛା ହେଇକରି ଆସିଥିବା ପ୍ରତିଯୋଗୀମାନେ ଭାଗ୍ ନେଇଥିଲେ । ଆଏଜ୍ ଉପରବେଲା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ୍ କରାଯିବା ।

ଜନଆରୋଗ୍ୟ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏଜ୍‌ଠାନୁ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଶୁଭାରମ୍ଭ ହେବା । ଇତାର୍‌ସହେତେ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନା ଭିଲ୍ ଶୁଭାରମ୍ଭ ହେବା । ଯୋଜ୍‌ନା ଜରିଏ ରାଜ୍ୟର୍ ୧ କୋଟି ୩ ଲାଖ୍‌ନୁ ଅଏତ୍‌କା ପରିବାର୍ ଉପକୃତ ହେବେ । ୩ କୋଟି ୪୬ ଲାଖ୍ ନୁ ଅଏତ୍‌କା ଲୋକ୍ ଇ ଦୁହି ସ୍ୱାସ୍ଥ୍ୟ ଯୋଜ୍‌ନାନୁ ଲାଭ୍ ପାଏବେ ।

ଏକୀକୃତ ପେନ୍‌ସନ୍ ଯୋଜ୍‌ନା- ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍କାରୀ କର୍ମଚାରୀମାନ୍କର୍ ଲାଗି ଆଏଜ୍ଠାନୁ ଏକୀକୃତ ପେନ୍ସନ୍ ଯୋଜ୍ନା ଲାଗୁ ହେବା । ଜାତୀୟ ପେନ୍ସନ୍ ଯୋଜ୍ନା ଅଧୀନ୍ଥି ଇ ଯୋଜ୍ନାକେ କାର୍ଯ୍ୟକାରୀ କରାଯାଉଛେ । ଯୋଜ୍ନାଥି ସାମିଲ୍ ହେବାର୍ ଲାଗି କେନ୍ଦ୍ର ସର୍କାରୀ କର୍ମଚାରୀଙ୍କର୍ ଇଚ୍ଛାଧୀନ କ୍ଷମତା ରହିଛେ ।

ପୁଲିସ୍ ପ୍ରତିଷ୍ଠା ଦିବସ୍ I&PR

କଟକ୍ ବକ୍ସିବଜାର୍ ପୁଲିସ୍ ପଡ଼ିଆଠାନେ ଆଏଜ୍ ଓଡ଼ିଶା ପୁଲିସ୍ର ପ୍ରତିଷ୍ଠା ଦିବସ୍ ସମାରୋହ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍ଥି ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପରେଡ୍ ଅଭିବାଦନ୍ ଗ୍ରହଣ୍ କର୍ବେ ଆର୍ ରାଜ୍ୟସ୍ତରୀୟ ପୁରସ୍କାର୍ ଦେବେ ।

ପୋଷଣ ଲଡୁ- ଆର୍ଏନ୍ୟୁ/ ସମ୍ବଲପୁର

ସ୍କୁଲ ଛୁଆକର ମାନସିକ ଆଉ ବୌଦ୍ଧିକ ବିକାଶ ଲାଗି ରାଜ୍ୟ ସରକାର ବିଦ୍ୟାଳୟମାନ୍‌କେ ପୋଷଣଯୁକ୍ତ ଲଡ୍ଡୁ ବାଂଟବେ । ଆଏଜ୍ ଓଡ଼ିଶା ଦିବସ୍ ଅବ୍‌ସରେ ଇ କାର୍ଯ୍ୟକ୍ରମ ମୁଲ୍ ହେବା । ସବୁ ବିଦ୍ୟାଳୟର ଶିଶୁ ବାଟିକା ନୁ ୧୦ କ୍ଲାସ୍‌ତକ୍ ଛୁଆକୁ ମଡ଼ିଆଥି ବନା ହେଇଥିବା ପୋଷଣ ଲଡ୍ଡୁ ହପ୍ତାକ ୩ ଦିନ୍ ଦିଆଯିବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ଛାତ୍ରମୃତ୍ୟୁ ମୁଖ୍ୟମନ୍ତ୍ରୀ ଅନୁକମ୍ପା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ବାଣୀ ବିହାର ଛାତ୍ରମୃତ୍ୟୁ ଘଟନାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଖ୍‌ପ୍ରକାଶ କରିଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ତାଙ୍କର ପରିବାର ବର୍ଗକେ ୪ ଲାଖ୍ ଟଙ୍କାର ଅନୁକମ୍ପା ସାହାଜ୍ ଘୋଷଣା କରିଛନ୍ । ଗଲା ରଏବାର ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସ ଛାତ୍ ଉପରୁ ପଡ଼ିକରି ସ୍ନାତକୋତର୍ ଛାତ୍ରଙ୍କର ଜୀବନ୍ ଯାଇଥିଲା ।

ଆକାଶବାଣୀ ସାକ୍ଷାତ୍‌କାର- ଆର୍‌ଏନ୍‌ୟୁ/ କଟକ

ଆଂଚଳିକ ସହଯୋଗ୍ ଆଉ ସାମୁଦ୍ରିକ୍ ଯୋଗାଯୋଗ୍ ଲାଗି ଭିନ୍ ଭିନ୍ ଦେଶ୍ ସଙ୍ଗେ ସହଭାଗିତାକେ ନଜର୍‌ଥି ରଖିକରି ଥାଇଲାଣ୍ଡର ବେଙ୍କକ୍‌ଠାନେ ମୁଲ୍ ହେବାକେ ଯାଉଛେ 'ବିମ୍‌ସ୍ଟେକ୍ ସମ୍ମିଳନୀ' । ଇଥ ଯୋଗ୍ ଦେବାର୍‌କେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଏବା ଗୁରବାର ଥାଇଲାଣ୍ଡ ଗସ୍ତଥି ଯିବେ । ଇ ସମ୍ମିଳନୀ ଉପ୍‌ରେ ଅଏତ୍‌କା ସୂଚ୍‌ନା ଦେଇଛନ୍ ନର୍‌ୱେନ ଉଚ୍ଚାୟୁକ୍ତ ଭାବେ କାମ୍ କରି ସାରିଥିବା ଆଘର୍ ଭାରତୀୟ ବୈଦେଶିକ ସେବା ଅଧିକାରୀ ଦେବରାଜ ପ୍ରଧାନ । ଇ ବାବ୍‌ଦେ ତାଙ୍କର ସହେତେ ଆକାଶବାଣୀ କଟକ ଆଂଚଳିକ ସମ୍ବାଦ ବିଭାଗ ତର୍‌ଫୁ ହେଇଥିବା ଗୁଟେ ସାକ୍ଷାତ୍‌କାର କାର୍ଯ୍ୟକ୍ରମ ଆଏଜ୍ ଉପରବେଲା ୪ ନୁ ୫ ବଜେତକ୍ ଆକାଶବାଣୀ ସବୁ ଚେନେଲ୍ ଜରିଏ ପ୍ରସାରିତ୍ କରାଯିବା ।